# ଓ୍ୱେଷ୍ଟଇଣ୍ଡିଜ ସିରିଜରୁ ପ୍ରସିଦ୍ଧ କ୍ରିଷ୍ଣା ଆଉଟ୍



ନୂଆଦିଲ୍ଲୀ, ୧/୧୦(ନ୍ୟୁ.ଏ): ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ୩ ଟିକିଆ ସିରିଜର ଶେଷ ମ୍ୟାଚ୍‌ରୁ ବାଦ ପଡ଼ିଛନ୍ତି ଭାରତର ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣା। ଗୁଆହାଟୀରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆର ଅଧାରୁ ପଡ଼ିଆ ଛାଡ଼ିଥିଲେ ପ୍ରସିଦ୍ଧ। ଏବେ ସେ ତୃତୀୟ ଦିନିକିଆରେ ଉପଲବ୍ଧ ହେବେ ନାହିଁ ବୋଲି ଜଣାପଡ଼ିଛି। ଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜରେ ଦ୍ରୁତ ବୋଲରଙ୍କ ପ୍ରବଳ ଧୂଳେଇ ହେଉଛି। ପ୍ରବଳ ଗୁଳୁଗୁଳି ଓ ଖରାରେ ବୋଲିଂ କରିବା ଦ୍ରୁତ ବୋଲରଙ୍କ ପାଇଁ ଆହୁରି ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ପ୍ରଥମ ଦୁଇଟି ଯାକ ଦିନିକିଆରେ ଶୁବମନ ଗିଲ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତି ନେଇଥିବାରୁ ଭାରତୀୟ ଦ୍ରୁତ ବୋଲରଙ୍କୁ ଖରାରରେ ପ୍ରବଳ ସଂଘର୍ଷ କରିବାକୁ ପଡ଼ିଛି। ପ୍ରଥମ ଦିନିକିଆରେ ପ୍ରସିଦ୍ଧ ୧୦ ଓଭର ବୋଲିଂ କରିଥିଲେ। ହେଲେ ଗୁଆହାଟୀ ମ୍ୟାଚ୍ ଅଧାରରେ ହିଁ ତାଙ୍କୁ ପଡ଼ିଆ ଛାଡ଼ିବାକୁ ଛାଡ଼ିଥିଲା। ପଡ଼ିଆ ଛାଡ଼ିବା ବେଳେ ପ୍ରସିଦ୍ଧ ୫ ଓଭର ବୋଲିଂ କରିବା ସହ ୪୫ ରନ ଖର୍ଚ୍ଚ କରିଥିଲେ ଏବଂ ଗୋଟିଏ ଓ୍ୱିକେଟ ନେଇଥିଲେ। ଆହତ ସମସ୍ୟା ଯୋଗୁ ତାଙ୍କୁ ପଡ଼ିଆ ଛାଡ଼ିବାକୁ ପଡ଼ିଥିଲା। ଭାରତର ବ୍ୟାଟିଂ କୋଚ ସୀତାଂଶୁ କୋଟାକ ପରବର୍ତୀ ଅବସ୍ଥାରେ କହିଥିଲେ ଯେ ପ୍ରସିଦ୍ଧ ଆଣ୍ଠୁରେ ଯନ୍ତ୍ରଣା ଅନୁଭବ କରୁଛନ୍ତି ଓ ତାଙ୍କର ସ୍କାନ ଅକ୍ଟୋବର ୧ରେ ହେବ। ଆଜି ଜଣାପଡ଼ିଛି ଯେ ପ୍ରସିଦ୍ଧ ମାଂସପେଶୀ ସମସ୍ୟାରେ ପଡ଼ିଛନ୍ତି ଓ ତୃତୀୟ ଦିନିକିଆରୁ ବାଦ ପଡ଼ିଛନ୍ତି। ବେଶ କିଛି ମାସ ହେଲାଣି ଜଣଙ୍କ ପରେ ଜଣେ ଭାରତୀୟ ଦ୍ରୁତ ବୋଲର ଆହତ ହେବା ଟିମର ଚିନ୍ତା ବଢ଼ାଇ ଦେଇଛି। ନୀତୀଶ ରେଡ୍ଡୀ ଆହତ କାରଣରୁ ବେଶ କିଛି ସମୟ ଟିମରୁ ଦୂରେଇ ରହିଥିଲେ। ୨୦୨୬ ଆଇପିଏଲ ପରଠାରୁ ହାର୍ଦ୍ଦିକ ପାଣ୍ଡ୍ୟା ଏଯାଏ ଫିଟ ହୋଇ ନାହାନ୍ତି। ହର୍ଷିତ ରାଣା ମଧ୍ୟ ଆହତ ସମସ୍ୟା ଦେଇ ଗତି କରୁଛନ୍ତି। ଏବେ ଏହି ତାଲିକାରେ ପ୍ରସିଦ୍ଧ ଯୋଡ଼ି ହୋଇ ଯାଇଛନ୍ତି। ସେ ତୃତୀୟ ଦିନିକିଆରୁ ବାଦ ପଡ଼ିଥିବା ବେଳେ ତାଙ୍କ ବଦଳ ଖେଳାଳିଙ୍କ ନାଁ ବିସିସିଆଇ ଏଯାଏ ଘୋଷଣା କରିନାହିଁ। ସେହିପରି ତୃତୀୟ ଦିନିକିଆରେ ଏବେ ମହମ୍ମଦ ସିରିଜ ଖେଳିବା ମଧ୍ୟ ଏକପ୍ରକାରର ନିଶ୍ଚିତ ହୋଇଛି। ପ୍ରଥମ ଦୁଇଟି ଯାକ ଦିନିକିଆରେ ତାଙ୍କୁ ବେଂଚରେ ବସିବାକୁ ପଡ଼ିଥିଲା। ପ୍ରସିଦ୍ଧଙ୍କ ସ୍ଥାନରେ ସେ ତୃତୀୟ ଦିନିକିଆ ଖେଳିବେ।

# ପାକିସ୍ତାନକୁ ହରାଇ ସ୍ୱର୍ଣ୍ଣ ଲଢ଼େଇରେ ଭାରତ



ନୂଆଦିଲ୍ଲୀ, ୧/୧୦(ନ୍ୟୁ.ଏ): ଏସିଆନ୍ ଗେମ୍ସ ୨୦୨୬ ର ପୁରୁଷ ହକି ସେମିଫାଇନାଲରେ ଭାରତ ଓ ପାକିସ୍ତାନ ମଧ୍ୟରେ ଦେଖିବାକୁ ମିଳିଥିଲା ରୋମାଂଚକର ମୁକାବିଲା। ଶେଷ ମୁହୂର୍ତ ପର୍ଯ୍ୟନ୍ତ ଚାଲିଥିବା ଏହି ମ୍ୟାଚ୍‌ରେ ଭାରତ ୪-୩ ଗୋଲ୍‌ରେ ପାକିସ୍ତାନକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍ ଶେଷ ହେବାକୁ ମାତ୍ର ପ୍ରାୟ ୫୦ ସେକେଣ୍ଡ ବାକି ଥିବା ବେଳେ ଅଭିଷେକଙ୍କ ନିର୍ଣ୍ଣାୟକ ଗୋଲ୍ ଭାରତକୁ ବିଜୟ ଦେଇଥିଲା। ଏହି ବିଜୟ ସହ ଭାରତୀୟ ଦଳ ଏସିଆନ୍ ଗେମ୍ସର ହକି ଫାଇନାଲକୁ ପହଂଚିଛି। ଫାଇନାଲରେ ଭାରତର ପ୍ରତିପକ୍ଷ ମାଲେସିଆ କିମ୍ବା କୋରିଆ ମଧ୍ୟରୁ ଜଣେ ହେବ। ମ୍ୟାଚ୍‌ର ଶେଷ କ୍ୱାର୍ଟରରେ ପାକିସ୍ତାନ ଜବରଦସ୍ତ ପ୍ରତ୍ୟାବର୍ତନ କରିଥିଲା। ଭାରତ ଫାଷ୍ଟ ହାଫ୍‌ରେ ୩-୦ରେ ଅଗ୍ରୁଆ ଥିଲେ ମଧ୍ୟ ପାକିସ୍ତାନ ସେକେଣ୍ଡ ହାଫ୍‌ରେ ଲଗାତାର ଗୋଲ୍ କରି ସ୍କୋରକୁ ୩-୩ରେ ନେଇ ଆସିଥିଲା। ଏଭଳି ସ୍ଥିତିରେ ମ୍ୟାଚ୍ ପେନାଲ୍ଟି ଶୁଟ୍‌ଆଉଟ୍‌କୁ ଯିବ ବୋଲି ଲାଗୁଥିଲା। କିନ୍ତୁ ମ୍ୟାଚ୍ ଶେଷ ହେବାକୁ ପ୍ରାୟ ୫୦ ସେକେଣ୍ଡ ବାକି ଥିବାବେଳେ ଅଭିଷେକ ଫିଲ୍ଡ ଗୋଲ୍ କରି ଭାରତକୁ ପୁଣି ୪-୩ ରେ ଅଗ୍ରୁଆ କରିଥିଲେ। ଶେଷ ସେକେଣ୍ଡରେ ପାକିସ୍ତାନ ପାଖରେ ଆଉ ଏକ ସୁଯୋଗ ଆସିଥିଲା। କିନ୍ତୁ ହୁଟର୍ ବାଜିବା ସହ ପାକିସ୍ତାନର ଆକ୍ରମଣ ବିଫଳ ହୋଇଥିଲା ଏବଂ ଭାରତ ବିଜୟ ହୋଇଥିଲା। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରରେ ଭାରତ ଆରମ୍ଭରୁ ଚାପ ସୃଷ୍ଟି କରିଥିଲା। ଭାରତୀୟ ଅଧିନାୟକ ହରମନପ୍ରୀତ ସିଂହ ପେନାଲ୍ଟି କର୍ଣ୍ଣରରୁ ଦୁଇଟି ଗୋଲ୍ କରିଥିଲେ। ମ୍ୟାଚ୍‌ର ୫ ମିନିଟ୍‌ରେ ହରମନପ୍ରୀତ ପ୍ରଥମ ଗୋଲ୍ କରିଥିଲେ। ପରେ ୧୩ ତମ ମିନିଟ୍‌ରେ ଆଉ ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ଭାରତର ଲିଡ୍ ବଢ଼ାଇଥିଲେ। ଏହା ଫଳରେ ପ୍ରଥମ କ୍ୱାର୍ଟର ଶେଷରେ ଭାରତ ୨-୦ରେ ଆଗୁଆ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଭାରତ ଆକ୍ରମଣ ଜାରି ରଖିଥିଲା। ୨୩ ତମ ମିନିଟ୍‌ରେ ସୁଖଜିତ ସିଂହ ଏକ ଫିଲ୍ଡ ଗୋଲ୍ କରି ଭାରତର ସ୍କୋରକୁ ୩-୦ କରିଥିଲେ। ତେବେ ସେକେଣ୍ଡ ହାଫ୍‌ରେ ପାକିସ୍ତାନ ଜୋରଦାର କମବ୍ୟାକ୍ କରିଥିଲା। ୩ ଗୋଲ୍ କରି ସ୍କୋରକୁ ୩-୩ କରିଦେଇଥିଲା। ସେକେଣ୍ଡ ହାଫ୍‌ରେ ପାକିସ୍ତାନ ତାଂର ପ୍ରଥମ ଗୋଲ୍ କରିଥିଲା। ଅବୁ ମହମୁଦ ପେନାଲ୍ଟି କର୍ଣ୍ଣରରୁ ଗୋଲ୍ କରି ସ୍କୋରକୁ ୩-୧ କରିଥିଲେ। ୧-୩ରେ ପଛରେ ଥିବା ପାକିସ୍ତାନ ଦ୍ୱିତୀୟ କ୍ୱାର୍ଟର ରେ ଆକ୍ରମଣ ବଢ଼ାଇଥିଲା। ୪୫ତମ ମିନିଟ୍‌ରେ ହନ୍ନାନ ଶାହିଦ୍ ଗୋଲ୍ କରି ଭାରତର ଲିଡ୍‌କୁ ୩-୨କୁ କମାଇଥିଲେ। ଏହା ପରେ ଭାରତୀୟ ଡିଫେନ୍ସ ଉପରେ ପାକିସ୍ତାନ ଚାପ ବଢ଼ାଇଥିଲା। ୪୯ତମ ମିନିଟ୍‌ରେ ରାଣା ଓ୍ୱାହିଦ୍ ଏକ ଫିଲ୍ଡ ଗୋଲ୍ କରି ସ୍କୋରକୁ ୩-୩ ରେ ସମାନ କରିଥିଲେ। ମ୍ୟାଚ୍‌ର ଶେଷ ପର୍ଯ୍ୟାୟରେ ଉଭୟ ଦଳ ଜିତିବା ପାଇଁ ଚେଷ୍ଟା କରୁଥିଲେ। ଭାରତ ଉପରେ ମଧ୍ୟ ଚାପ ବଢ଼ିଥିଲା। କିନ୍ତୁ ଶେଷ ପର୍ଯ୍ୟାୟରେ ଅଭିଷେକଙ୍କ ଗୋଲ୍ ମ୍ୟାଚ୍‌ର ଚିତ୍ର ବଦଳାଇ ଦେଇଥିଲା। ଏହି ବିଜୟ ସହ ଏସିଆନ୍ ଗେମ୍ସ ୨୦୨୬ରେ ଭାରତୀୟ ପୁରୁଷ ହକି ଦଳର ଅପରାଜିତ ଅଭିଯାନ ଜାରି ରହିଛି। ପୁଲ୍ ଏରେ ଭାରତ ତା'ର ଅଭିଯାନ ଇଣ୍ଡୋନେସିଆ ବିରୋଧରେ ୧୩-୧ ବିଜୟ ସହ ଆରମ୍ଭ କରିଥିଲା। ପରେ ଶ୍ରୀଲଙ୍କାକୁ ୧୬-୧, ଦକ୍ଷିଣ କୋରିଆକୁ ୮-୨, ଜାପାନକୁ ୨-୦ ଏବଂ ବାଂଲାଦେଶକୁ ୧୦-୦ରେ ହରାଇ ଭାରତ ପୁଲ୍‌ରେ ଶୀର୍ଷ ସ୍ଥାନ ହାସଲ କରିଥିଲା। ଅନ୍ୟପକ୍ଷରେ ପାକିସ୍ତାନ ପୁଲ୍ ବି' ରେ ଥିଲା। ଥାଇଲାଣ୍ଡକୁ ୯-୦, ଉଜବେକିସ୍ତାନକୁ ୫-୧, ଚୀନ୍‌କୁ ୩-୦ ଏବଂ ଓମାନକୁ ୭-୨ରେ ହରାଇଥିଲା। କିନ୍ତୁ ମାଲେସିଆ ବିରୋଧରେ ୪-୫ରେ ହାରିବା ପରେ ପୁଲ୍‌ରେ ଦ୍ୱିତୀୟ ସ୍ଥାନରେ ରହିଥିଲା। ପାକିସ୍ତାନକୁ ହରାଇ ଫାଇନାଲରେ ପହଂଚିବା ପରେ ଭାରତୀୟ ଦଳର ନଜର ଏବେ ସ୍ୱର୍ଣ୍ଣ ପଦକ ଉପରେ। ଏସିଆନ୍ ଗେମ୍ସର ପୁରୁଷ ହକିରେ ସ୍ୱର୍ଣ୍ଣ ପଦକ ଜିତୁଥିବା ଦଳଲସ୍ ଆଞ୍ଜେଲସ୍ ୨୦୨୮ ଅଲିମ୍ପିକ ପାଇଁ ସିଧାସଳଖ ଯୋଗ୍ୟତାହାସଲ କରିବ। ଫାଇନାଲରେ ଭାରତ ମାଲେସିଆ କିମ୍ବା କୋରିଆ ମଧ୍ୟରୁ ଜଣେ ଦଳକୁ ଭେଟିବ। ଭାରତୀୟ ଦଳ ପାଇଁ ଏହି ମ୍ୟାଚ୍ କେବଳ ଏକ ସ୍ୱର୍ଣ୍ଣ ପଦକ ମୁକାବିଲା ନୁହେଁ, ବରଂ ଅଲିମ୍ପିକ ଯୋଗ୍ୟତାର ମଧ୍ୟ ଏକ ବଡ଼ ସୁଯୋଗ ହେବ।

# ତୀରନ୍ଦାଜିରେ ଗଣେଶଙ୍କୁ କାଂସ୍ୟ



ନାଗୋୟା, ୧/୧୦(ନ୍ୟୁ.ଏ): ଭାରତର ଗଣେଶ ମଣିରତ୍ନମ ଥିରୁମୁରୁ ଚଳିତ ଏସୀୟ କ୍ରୀଡ଼ା ପୁରୁଷ ବ୍ୟକ୍ତିଗତ କମ୍ପାଉଣ୍ଡ ତୀରନ୍ଦାଜିରେ କାଂସ୍ୟ ପଦକ ଜିତିଛନ୍ତି। ୨୦ ବର୍ଷୀୟ ଏହି ଭାରତୀୟ ତୀରନ୍ଦାଜ ଗୁରୁବାର କାଂସ୍ୟ ମୁକାବିଲାରେ ଭିଏତ୍‌ନାମର ଲଙ୍ଗ ଡୁକ୍ ତାଙ୍ଗ୍‌କୁ ୧୪୯-୧୪୪ରେ ମାତ୍ ଦେଇଥିଲେ। ଏଥି ସହ ଗଣେଶ ଚଳିତ ପ୍ରତିଯୋଗିତାରେ ଦ୍ୱିତୀୟ ପଦକ କରାୟତ କରିଛନ୍ତି। ବୁଧବାର ସେ ଭାରତୀୟ କମ୍ପାଉଣ୍ଡ ଦଳରେ ରହି ସ୍ୱର୍ଣ୍ଣ ପଦକ କରାୟତ କରିଥିଲେ। ଗୁରୁବାର କ୍ୱାର୍ଟରଫାଇନାଲ୍‌ରେ ଗଣେଶ ୧୪୮-୧୩୮ରେ ଚାଇନିଜ୍ ତାଇପେଇର ଚିଏ-ଲୁନ୍ ଚେନ୍‌କୁ ହରାଇଥିଲେ। ହେଲେ ସେମିଫାଇନାଲ୍‌ରେ ସେ ୧୪୪-୧୪୮ରେ ଦକ୍ଷିଣ କୋରିଆର କିମ୍ ଜଙ୍ଗ୍‌ଙ୍କଠୁ ହାରି ସ୍ୱର୍ଣ୍ଣ ଦୌଡ଼ରୁ ବାଦ୍ ପଡ଼ିଥିଲେ। ଅନ୍ୟପକ୍ଷରେ ମହିଳା ବ୍ୟକ୍ତିଗତରେ ମିଶ୍ରିତ ଓ ଦଳଗତରେ ସ୍ୱର୍ଣ୍ଣ ଜିତିଥିବା ଚିକିଥା ତାନିପାର୍ଥୀ କ୍ୱାର୍ଟରଫାଇନାଲ୍‌ରେ କଡ଼ା ସଂଘର୍ଷ କରି ୧୪୩-୧୪୪ ରେ ଇଣ୍ଡୋନେସିଆର ନୁରିସା ଡିଆନ୍ ଆଣ୍ଡିଫାଙ୍କଠୁ ହାରି ହ୍ୟାଟ୍ରିକ୍ ପଦକରୁ ବଂଚିତ ହୋଇଛନ୍ତି।

# ଟ୍ରମ୍ପଙ୍କୁ ଏବର୍ଷ ବି ନୋବେଲ ଶାନ୍ତି ପୁରସ୍କାର ମିଳିବା କଷ୍ଟକର



ଓ୍ୱାସିଂଟନ, ୧/୧୦(ନ୍ୟୁ.ଏ): ଡୋନାଲ୍ଡ ଟ୍ରମ୍ପ ଚଳିତ ବର୍ଷ ନୋବେଲ ଶାନ୍ତି ପୁରସ୍କାର ପାଇବା କଷ୍ଟକର। ଏହାର ମୁଖ୍ୟ କାରଣ ହେଉଛି ଇରାନ ସହିତ ଆମେରିକାର ଯୁଦ୍ଧ। ଯୁଦ୍ଧ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରଭାବିତ କରିଛି। ନୋବେଲ କମିଟି ଟ୍ରମ୍ପଙ୍କ କଠୋର ବିରୋଧୀଙ୍କୁ ଶାନ୍ତି ପୁରସ୍କାର ପ୍ରଦାନ କରିବାକୁ ପ୍ରସ୍ତୁତ ହେଉଛି। ୨୦୨୫ ମସିହାରେ ଭେନେଜୁଏଲାର ମାଚାଡୋଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ପାଇବା ପରେ, ମାଚାଡୋ ଏହାକୁ ଟ୍ରମ୍ପଙ୍କୁ ଦେଇଥିଲେ। ଏଭଳି କାର୍ଯ୍ୟ ନୋବେଲ କମିଟିକୁ ଲଜ୍ଜିତ କରିଥିଲା। ନ୍ୟୁଜ୍ ଏଜେନ୍ସି ରଏଟର୍ସ ଅନୁଯାୟୀ ଟ୍ରମ୍ପଙ୍କୁ ଏହି ବର୍ଷ ମଧ୍ୟ ନୋବେଲ ଶାନ୍ତି ପୁରସ୍କାର ମିଳିବ ନାହିଁ। ସୂତ୍ରକୁ ଉଦ୍ଧୃତ କରି ରଏଟର୍ସ କହିଛି ଯେ, ନୋବେଲ କମିଟି ବିଚାର କରୁଛି ପୁରସ୍କାର ଅନ୍ତର୍ଜାତୀୟ ନ୍ୟାୟାଳୟକୁ ଦିଆଯାଇପାରିବ କି ନାହିଁ। ଆମେରିକା ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ ଟ୍ରିବ୍ୟୁନାଲ ଉପରେ କଟକଣା ଲଗାଇଛି ଏବଂ କୋର୍ଟ ପାଇଁ ପାଣ୍ଠି ମଧ୍ୟ ବନ୍ଦ କରିଦେଇଛି। ଅକ୍ଟୋବର ୯ ତାରିଖରେ ନୋବେଲ ଶାନ୍ତି ପୁରସ୍କାର ଘୋଷଣା ହେବାର କାର୍ଯ୍ୟକ୍ରମ ରହିଛି। ନୋବେଲ କମିଟି ଏନେଇ ବିଚାର ବିମର୍ଶ କରୁଛି। ବିଶ୍ଳେଷକମାନଙ୍କ ଅନୁସାରେ ଟ୍ରମ୍ପଙ୍କ ବ୍ୟତୀତ ପୋପ୍ ଲିଓ, ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ ଟ୍ରିବ୍ୟୁନାଲ୍, ପାଲେଷ୍ଟାଇନ ଅଂଚଳ ଉପରେ ଜାତିସଂଘର ସ୍ୱତନ୍ତ୍ର ରିପୋର୍ଟର ଏବଂ ଫ୍ରାନ୍ସେସ୍କା ଆଲବାନିଜ୍ ନୋବେଲ ଶାନ୍ତି ପୁରସ୍କାର ଦୌଡ଼ରେ ଅଛନ୍ତି। କାମ୍ବୋଡିଆ, ଇସ୍ରାଏଲ ଏବଂ ପାକିସ୍ତାନ ୨୦୨୫ ମସିହାରେ ଟ୍ରମ୍ପ ନୋବେଲ ଶାନ୍ତି ପୁରସ୍କାର ପାଇଁ ଯୋଗ୍ୟ ବୋଲି କହିଥିଲେ।

# ଭୋଟର ତାଲିକାରୁ ନାଁ ହଟାଇବାକୁ ଷଡ଼ଯନ୍ତ୍ର : ରାହୁଲ



ନୂଆଦିଲ୍ଲୀ, ୧/୧୦(ନ୍ୟୁ.ଏ): ଭୋଟର ତାଲିକାରୁ ନାଁ କାଟିବା ଏବଂ 'ଭୋଟ୍ ଚୋରି' ଅଭିଯୋଗକୁ ନେଇ ଦେଶରେ ରାଜନୈତିକ ବିବାଦ ଜାରି ରହିଛି। ଏହାକୁ ନେଇ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବିଜେପି ଏବଂ ନିର୍ବାଚନ ଆୟୋଗ ଉପରେ ତୀବ୍ର ଆକ୍ରମଣ କରିଛନ୍ତି। ବିଜେପି 'ଭୋଟ୍ ଚୋରି' କରୁଥିବା ଏବଂ ନିର୍ବାଚନ ଆୟୋଗ ମନମାନି କରୁଥିବା ରାହୁଲ ଅଭିଯୋଗ କରିଛନ୍ତି। ରାହୁଲ ଗାନ୍ଧୀ କହିଛନ୍ତି, ଦେଶବାସୀ 'ଭୋଟ୍ ଚୋରି' ବିରୋଧରେ ଅସନ୍ତୋଷ ପ୍ରକାଶ କରୁଥିବା ସତ୍ତ୍ୱେ ବିଜେପି ଏବଂ ନିର୍ବାଚନ ଆୟୋଗ ନିଜ ମନମାନିରୁ ଓହରୁନାହାନ୍ତି। ସେ କର୍ଣ୍ଣାଟକର ଡେଲଗାଭି ଘଟଣାକୁ ଉଦାହରଣ ଦେଇଛନ୍ତି। ତାଙ୍କ ଦାବି ଅନୁସାରେ, ପ୍ରାୟ ୧୫ ହଜାର ମତଦାତାଙ୍କ ନାଁ ଏକାଥରକେ ଭୋଟର ତାଲିକାରୁ ହଟାଇବା ପାଇଁ ଉଦ୍ୟମ ହୋଇଥିଲା। ସେପ୍ଟେମ୍ବର ୨୨, ୨୩ ଓ ୨୪ ତାରିଖରେ ଫର୍ମ-୭ ଦାଖଲ ହେବା ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି। ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ, ଏଭଳି ପ୍ରକ୍ରିୟାରେ ମୁସଲିମ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ OBC ବର୍ଗର ମତଦାତାଙ୍କୁ ଟାର୍ଗେଟ୍ କରାଯାଉଛି। ଏହି ବର୍ଗର ଅନେକ ଲୋକ ବିଜେପି ବିରୋଧରେ ଭୋଟ୍ ଦିଅନ୍ତି ବୋଲି ସେ ଦାବି କରିଛନ୍ତି। ସେ ଆହୁରି ଦାବି କରିଛନ୍ତି ଯେ, ସଫ୍ଟୱେର ମାଧ୍ୟମରେ କେନ୍ଦ୍ରୀକୃତ ଭାବେ ମତଦାତାଙ୍କ ନାଁ ହଟାଯାଉଛି। ତାଙ୍କ ଅଭିଯୋଗ ଅନୁସାରେ, ବିଜେପି ଓ ନିର୍ବାଚନ ଆୟୋଗର କିଛି ଲୋକ ମିଳିତ ଭାବେ ଚୟନିତ ମତଦାତାଙ୍କ ବିରୋଧରେ ଫର୍ମ-୭ ଦାଖଲ କରାଉଛନ୍ତି। ଏହି ଅଭିଯୋଗକୁ ନେଇ କର୍ଣ୍ଣାଟକ କଂଗ୍ରେସ ନେତାମାନେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ରହି ଦୋଷୀଙ୍କ ବିରୋଧରେ FIR ଦାବି କରୁଥିବା ରାହୁଲ କହିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ମଧ୍ୟ ରାହୁଲ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ ଓ ମୁଖ୍ୟ ନିର୍ବାଚନ କମିଶନର ମିଳିତ ଭାବେ ଝଓଡ଼ ମାଧ୍ୟମରେ ଗଣତନ୍ତ୍ରକୁ ଦୁର୍ବଳ କରିବାକୁ ଷଡ଼ଯନ୍ତ୍ର କରୁଥିବା ସେ ଅଭିଯୋଗ କରିଛନ୍ତି। ଏପରିକି ଜ୍ଞାନେଶ କୁମାରଙ୍କୁ ସରକାରୀ ସାକ୍ଷୀ ହୋଇ ନିଷ୍ପକ୍ଷ ତଦନ୍ତରେ ସହଯୋଗ କରିବାକୁ ମଧ୍ୟ ରାହୁଲ ଆହ୍ୱାନ ଦେଇଛନ୍ତି।

# ମହାସାଗରରେ ରେକର୍ଡ ଉତାପ: ୨୩ ଜେଟାଜୁଲ୍ ତାତିରେ ଧ୍ୱଂସ ହେଉଛି ସାମୁଦ୍ରିକ ଜୀବନ



ପ୍ୟାରିସ, ୧/୧୦(ନ୍ୟୁ.ଏ): ରେକର୍ଡ ଭାଙ୍ଗି ଯାଉଥିବା ସମୁଦ୍ରଉତାପଅନେକ ସହରର ଅସ୍ତିତ୍ୱକୁ ବିପଦରେ ପକାଇଛି। ୨୩ ଜେଟଜୁଲ୍ ତାତି ଦ୍ୱାରା ସାମୁଦ୍ରିକ ଜୀବନ ନଷ୍ଟ ହେଉଛି। ଫଳରେ ଆଗାମୀ ଦିନରେ ବିନାଶକାରୀ ଝଡ଼ ଏବଂ ବାଦଲଫଟା ବର୍ଷାର ଆଶଙ୍କା କରାଯାଉଛି। ସମୁଦ୍ରଗୁଡ଼ିକ ୯୦% ଉତାପ ଏବଂ ମାନବଜାତ କାର୍ବନ ଡାଇଅକ୍ସାଇଡର ଏକ ତୃତୀୟାଂଶ ଶୋଷଣ କରୁଛନ୍ତି। ବିଶ୍ୱର ମହାସାଗରଗୁଡ଼ିକରେ ଉତାପର ବିପଦ କ୍ରମାଗତ ଭାବରେ ବୃଦ୍ଧି ପାଉଛି। ଏହା ସମୁଦ୍ର ଜଳସ୍ତର, ଏସିଡିକରଣ ଏବଂ ଗରମତରଙ୍ଗକୁ ବୃଦ୍ଧି କରୁଛି। ଯାହା ଭବିଷ୍ୟତରେ ସମଗ୍ର ବିଶ୍ୱ ପାଇଁ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ। ମହାସାଗରରେ ଅମ୍ଳଜାନର ଅଭାବ ଜଳଚର ଜୀବଙ୍କ ମୃତ୍ୟୁର କାରଣ ହେବ। ସେହି ସମୟରେ, ବିନାଶକାରୀ ଝଡ଼, ଅଳ୍ପ ସମୟ ମଧ୍ୟରେ ବାଦଲଫଟା ବର୍ଷା ଏବଂ ମୌସୁମୀ ଋତୁ ଛଡ଼ା ଅନ୍ୟ ଋତୁରେ ପ୍ରବଳ ବର୍ଷାର ଆଶଙ୍କା ବହୁ ଗୁଣା ବୃଦ୍ଧି ପାଇବ। ଫ୍ରାନ୍ସର ତୁଲୁଜରେ ଥିବା କୋପର୍ନିକସ୍ ଷ୍ଟେଟ୍ ଅଫ୍ ଦି ଓସେନ୍ ରିପୋର୍ଟର ସଦ୍ୟ ପ୍ରକାଶିତ ଦଶମ ସଂସ୍କରଣ ଅନୁଯାୟୀ, ବିଶ୍ୱର ମହାସାଗରଗୁଡ଼ିକ ଗତ ବର୍ଷ ବିଶ୍ୱର ମହାସାଗରଗୁଡ଼ିକ ରେକର୍ଡ ୨୩ ଜେଟାଜୁଲ୍ ତାପ ଶୋଷଣ କରିଥିଲେ। ଏହି ତାପଜ ଶକ୍ତି ମଣିଷ ଦ୍ୱାରା ବ୍ୟବହୃତ ମୋଟ ଶକ୍ତି ତୁଳନାରେ ପ୍ରାୟ ୪୦ ଗୁଣା ଅଧିକ। ଜେଟାଜୁଲ୍ ହେଉଛି ମାପର ଏକ ବିଶାଳ ଏକକ। ଏହା ଏକ ବିଲିୟନ ଟ୍ରିଲିୟନ ଜୁଲ୍ ସହିତ ସମାନ। ଏହା ବୈଜ୍ଞାନିକମାନଙ୍କ ଦ୍ୱାରା ଗ୍ରହର ଉତାପ ଏବଂ ପୃଥିବୀର ଶକ୍ତି ଅସନ୍ତୁଳନ ମାପିବା ପାଇଁ ବ୍ୟବହୃତ ହୋଇଥାଏ। ତ୍ୟଧିକ ଉତାପ ସମୁଦ୍ର ଜଳକୁ ଉଷ୍ମ କରୁଛି। ଫଳରେ ଏହାର ବାସଯୋଗ୍ୟ ସ୍ଥିତି କମିବାରେ ଲାଗିଛି। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ, ୧୯୯୯ ମସିହାରୁ ପ୍ରତିବର୍ଷ ସମୁଦ୍ର ସ୍ତର ପ୍ରାୟ ୩.୮ ମିଲିମିଟର ବୃଦ୍ଧି ପାଉଥିଲା। ତେବେ ୨୦୧୨ ରୁ ୨୦୨୫ ମଧ୍ୟରେ ଏହା ପ୍ରତିବର୍ଷ ୪.୨ ମିଲିମିଟରକୁ ବୃଦ୍ଧି ପାଇଛି। ବିଶେଷଜ୍ଞମାନେ କହିଛନ୍ତି ଯେ, ମହାସାଗରରେ ଏହି ପରିବର୍ତନ ଶୀଘ୍ର ଶୀଘ୍ର ଘଟୁଛି। ଏହା ଯୋଗୁଁ ସାମୁଦ୍ରିକ ପରିସଂସ୍ଥା ଦ୍ରୁତ ଗତିରେ ନଷ୍ଟ ହେଉଛି। ଫଳରେ ଆଗାମୀ ସମୟରେ, ମୁମ୍ବାଇ, ନ୍ୟୁୟର୍କ, ଟୋକିଓ ଏବଂ ଲଣ୍ଡନ ଭଳି ବିଶ୍ୱର ଅନେକ ପ୍ରମୁଖ ଉପକୂଳବର୍ତୀ ସହର ଏବଂ ଦ୍ୱୀପ ଦେଶ ପାଣିରେ ବୁଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ଏପରି ହେଲେ ଲକ୍ଷ ଲକ୍ଷ ଲୋକ ବାସହୀନ ହୋଇଯିବେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଟିଏମ୍‌ସିକୁ ୮୦୪ କୋଟିର ୪ ବନ୍ଦ ବ୍ୟାଙ୍କ ଖାତା ଖୋଲିବାକୁ ମିଳିଲାନି ଅନୁମତି



ନୂଆଦିଲ୍ଲୀ, ୧/୧୦(ନ୍ୟୁ.ଏ): ତୃଣମୂଳ କଂଗ୍ରେସର ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଗୋଷ୍ଠୀର ୪ଟି ବ୍ୟାଙ୍କ ଖାତାରୁ ଟଙ୍କା ଉଠାଣ ଉପରେ ଲାଗିଥିବା କଟକଣା ହଟାଇବାକୁ ମନା କରିଛନ୍ତି ସୁପ୍ରିମ୍‌କୋର୍ଟ। ଏହି ଖାତାଗୁଡ଼ିକରେ ପ୍ରାୟ ୮୦୪ କୋଟି ଟଙ୍କା ରହିଛି। ଗୁରୁବାର ମାମଲାର ଶୁଣାଣି କରି ଜଷ୍ଟିସ୍ ଏମ୍.ଏମ୍ ସୁନ୍ଦରେଶ ଓ ଜଷ୍ଟିସ୍ ପି.ବି. ବରାଲେଙ୍କ ଖଣ୍ଡପୀଠ କାଲ୍‌କାଟା ହାଇକୋର୍ଟଙ୍କ ଅନ୍ତରୀଣ ଆଦେଶରେ ହସ୍ତକ୍ଷେପ କରିନାହାନ୍ତି। ତେବେ ହାଇକୋର୍ଟରେ ବିଚାରାଧୀନ ମୁଖ୍ୟ ମାମଲାର ଶୀଘ୍ର ଶୁଣାଣି ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏହି ୪ଟି ଖାତା ଇଣ୍ଡିଆନ୍ ବ୍ୟାଙ୍କରେ ରହିଛି। ପଶ୍ଚିମବଙ୍ଗ ପୁଲିସ ଜୁଲାଇ ୭ରେ ଏଗୁଡ଼ିକୁ ଫ୍ରିଜ୍ କରିଥିଲା। ଏହା ବିରୋଧରେ ମମତାଙ୍କ ଟିଏମ୍‌ସି ଗୋଷ୍ଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଖାତା ଫ୍ରିଜ୍ କରିବା ପାଇଁ ଯେଉଁ ଏଫ୍‌ଆଇଆରଗୁଡ଼ିକର ଆଧାର ନିଆଯାଇଛି, ସେଥିରେ ତ୍ରୁଟି ଥିବା ଟିଏମ୍‌ସି ପକ୍ଷରୁ ଦାବି କରାଯାଇଥିଲା। ଅଗଷ୍ଟ ୨୭ରେ ହାଇକୋର୍ଟ ଖାତା ଚଳାଇବାକୁ ଅନ୍ତରୀଣ ଅନୁମତି ଦେବାକୁ ମନା କରିଥିଲେ। ସୁପ୍ରିମ୍‌କୋର୍ଟରେ ମମତା ଗୋଷ୍ଠୀ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂହଭି ଯୁକ୍ତି ରଖିଥିଲେ। ଖାତାଗୁଡ଼ିକ ଫ୍ରିଜ୍ ହେବାରୁ ଦଳର ଦୈନନ୍ଦିନ କାର୍ଯ୍ୟ ପ୍ରଭାବିତ ହୋଇଛି ବୋଲି ସେ କହିଥିଲେ। ଦଳର କାର୍ଯ୍ୟ ଚଳାଇବା ପାଇଁ ମାସକୁ ଅତି କମ୍‌ରେ ୧୨.୧୫ କୋଟି ଟଙ୍କା ଆବଶ୍ୟକ ବୋଲି ଟିଏମ୍‌ସି ପକ୍ଷରୁ ଦର୍ଶାଯାଇଥିଲା। ଶୁଣାଣି ବେଳେ ସୁପ୍ରିମ୍‌କୋର୍ଟ କହିଥିଲେ ଯେ, ମାମଲାର ମୂଳ ପ୍ରସଙ୍ଗ କାଲ୍‌କାଟା ହାଇକୋର୍ଟରେ ବିଚାରାଧୀନ ଥିବାରୁ ଏହି ପର୍ଯ୍ୟାୟରେ ଶୀର୍ଷକୋର୍ଟ ଏହାର ମେରିଟ୍ ଉପରେ ମତ ଦେବେ ନାହିଁ। ସମ୍ବିଧାନର ଧାରା ୧୩୬ ଅନୁସାରେ ହାଇକୋର୍ଟଙ୍କ ଆଦେଶରେ ହସ୍ତକ୍ଷେପ କରିବାକୁ ଖଣ୍ଡପୀଠ ଅନିଚ୍ଛା ପ୍ରକାଶ କରିଥିଲେ। ମାମଲାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଟିଏମ୍‌ସିର ନିର୍ବାଚନୀ ଚିହ୍ନ ନେଇ ବିବାଦ। ସେପ୍ଟେମ୍ବର ୧୭ରେ ନିର୍ବାଚନ କମିସନ୍ ମମତା ବାନାର୍ଜୀ ଓ ଅରୂପ ରାୟଙ୍କ ନେତୃତ୍ୱାଧୀନ ଦୁଇ ଗୋଷ୍ଠୀକୁ ନେଇ ବିବାଦ ଥିବା କହିଥିଲେ। ଚୂଡ଼ାନ୍ତ ନିଷ୍ପତି ନ ହେବା ପର୍ଯ୍ୟନ୍ତ ଦୁଇ ଗୋଷ୍ଠୀକୁ ଟିଏମ୍‌ସି ନାମ ଓ 'ଫୁଲ-ଘାସ' ଚିହ୍ନ ବ୍ୟବହାର ନ କରିବାକୁ ଅନ୍ତରୀଣ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପରିସ୍ଥିତିରେ କେଉଁ ଗୋଷ୍ଠୀ ବ୍ୟାଙ୍କ ଖାତା ଚଳାଇବାର ଅଧିକାରୀ, ତାହା ନିର୍ବାଚନ କମିସନ୍‌ରେ ଚାଲିଥିବା ବିବାଦର ନିଷ୍ପତି ପରେ ହିଁ ସ୍ପଷ୍ଟ ହେବ ବୋଲି ସୁପ୍ରିମ୍‌କୋର୍ଟ ଉଲ୍ଲେଖ କରିଛନ୍ତି।




Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das